


ବୁଧବାର, ୩୧ ଅଗଷ୍ଟ ୨୦୧୬

# ଆଇଆଇଟି ଭୁବନେଶ୍ୱରର ୫ମ ଦୀକ୍ଷାନ୍ତ ସମାରୋହ: ୭ଜଣଙ୍କୁ ଡକ୍ଟରେଟ୍

ଭୁବନେଶ୍ୱର (ବ୍ୟୁରୋ): ଆଇଆଇଟି ଭୁବନେଶ୍ୱରର ୫ମ ଦୀକ୍ଷାନ୍ତ ସମାରୋହ ଜଟଣୀ ସ୍ଥିତ ଅରୁଗୁଲରେ ଅନୁଷ୍ଠିତ ହୋଇଛି। ଏ ଅବସରରେ ଆଇଆଇଟି ପକ୍ଷରୁ ବିଭିନ୍ନ ପାଠ୍ୟକ୍ରମରେ ଉତ୍କର୍ଷତା ପ୍ରତିପାଦନ କରିଥିବା ସ୍ନାତକୋତରଙ୍କୁ ସମ୍ମାନିତ କରାଯାଇଛି। ଗତକାଲି ଭୁବନେଶ୍ୱର ଆଇଆଇଟିର ଆଞ୍ଚଳିକ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସମ୍ବାଦିକ ସମ୍ମିଳନରେ ଆଇଆଇଟି ଦିଲ୍ଲୀର ପ୍ରଫେସର୍ ସୁରେନ୍ଦ୍ର ପ୍ରସାଦ ଏହା କହିଥିଲେ। ୭ଜଣଙ୍କୁ ଡକ୍ଟରେଟ୍ ସମ୍ମାନ, ୫୫ଜଣଙ୍କୁ ଏମ୍‌ଟେକ୍ ସମ୍ମାନ, ୬୯ ଜଣଙ୍କୁ ଏମ୍‌ଏସ୍‌ସି ସମ୍ମାନ, ଏବଂ ୧୧୦ ଜଣଙ୍କୁ ବି.ଟେକ୍ ସମ୍ମାନ ଦିଆଯାଇଛି। ସେହିପରି ସ୍କୁଲ୍ ଅଫ୍ ଇଲେକ୍ଟ୍ରିକାଲ୍ ସାଇନ୍ସର ପ୍ରିୟମ୍ ଦେଙ୍କୁ ସ୍ୱର୍ଣ୍ଣ ପଦକ ଦିଆଯାଇଥିବା ବେଳେ ସ୍କୁଲ୍ ଅଫ୍ ମେକାନିକାଲ୍ ସାଇନ୍ସର ଶୁଭଶ୍ରୀ ସୁବୁଦ୍ଧିଙ୍କୁ ସ୍ୱର୍ଣ୍ଣ ପଦକ ଦିଆଯାଇଛି। ବିଟେକ୍‌ରେ ଉତ୍ତମ ପ୍ରଦର୍ଶନ କରିଥିବା ପ୍ରଣୟ ଗୌର, ପ୍ରିୟମ ଦେ, ଏବଂ ବୋଦେପୁଡି ରିଭନ୍ତଙ୍କୁ ଆଇଆଇଟି ପକ୍ଷରୁ ରୌପ୍ୟ ପଦକ ଦିଆଯାଇଥିବା ବେଳେ ଏମ୍‌ଟେକ୍ ବ୍ୟାଚ୍‌ର ଶୁଭୋଜିତ୍ ରାୟ, ଦିପଞ୍ଜନ ଦେ, ପ୍ରିୟଙ୍କା ଦେ, ଅଖଲେରକର ପଙ୍କଜ ଦିଲ୍ଲୀପ, ଶୁଭଶ୍ରୀ ସୁବୁଦ୍ଧି ଏବଂ ଅଂଶୁମାନ ଚ୍ୟାଉପଟ୍ଟନାୟକଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯାଇଛି। ସେହିପରି ଏମ୍‌ଏସିରେ ଉତ୍ତମ ପ୍ରଦର୍ଶନ କରିଥିବା ସ୍ୱେତା ସିଂ, ସୀମା ପାରିକ, ଉର୍ମି ଘୋଷ, ଦୀକ୍ଷା ତିୱାରୀ ଏବଂ ବସୁନ୍ଧରା ଘୋଷଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯାଇଛି। ତେବେ ଅରୁଗୁରୁଳ ସ୍ଥିତ ଆଇଆଇଟି ଭୁବନେଶ୍ୱର ଶାଖାରେ ଅନୁଷ୍ଠିତ ସମ୍ମାନ ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଆଇଆଇଟି ଦିଲ୍ଲୀର ପ୍ରଫେସର୍ ସୁରେନ୍ଦ୍ର ପ୍ରସାଦ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆଇଆଇଟି ଭୁବନେଶ୍ୱରର ଅଧ୍ୟକ୍ଷ ପଙ୍କଜ ରମଣଭାଇ ପଟେଲ୍ ଏବଂ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେଶର୍ ଆର୍. ଭି. ରାଜା କୁମାର ପ୍ରମୁଖ ଯୋଗଦେଇଥିଲେ। ଚଳିତବର୍ଷ ଆଇଆଇଟିରେ ୧୨୩୭ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଥିବାବେଳେ ବିଟେକ୍‌ରେ ୭୧୫ଜଣ, ଏମ୍‌ଟେକ୍‌ରେ ୧୭୦ ଜଣ, ଏମ୍‌ଏସ୍‌ସିରେ ୧୪୫ଜଣ, ପିଏଚ୍‌ଡିରେ ୨୦୭ଜଣ ଅଧ୍ୟୟନ କରୁଛନ୍ତି।